# NATIONAL NEWS BULLETIN (ODIA)

## 11 February - 2025

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ୟୁନାନି ବ୍ୟବସ୍ଥାରେ ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟ ସେବା ଏବଂ ଔଷଧ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି କହିଲେ ରାଷ୍ଟ୍ରପତି ।
- ଜନସାଧାରଣଙ୍କ କଲ୍ୟାଣ ପାଇଁ କୃତ୍ରିମ ବୁଦ୍ଧିମତାକୁ ବିକଶିତ କରିବାରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଲେ ପ୍ରଧାନମନ୍ତ୍ରୀ ।
- କେନ୍ଦ୍ରୀୟ ବଜେଟ୍ ଉପରେ ରାଜ୍ୟସଭାରେ ଆଲୋଚନା ଜାରି ।
- ମିଜୋରାମର ଗ୍ରାମ ଏବଂ ସ୍ଥାନୀୟ ପରିଷଦ ନିର୍ବାଚନରେ ଆସନ୍ତାକାଲି ମତଗ୍ରହଣ ।

ଏବଂ

- ଚୀନ୍‌ର କ୍ୱିଙ୍ଗ୍‌ଦାଓ ଠାରେ ଆରମ୍ଭ ହୋଇଛି ଏସିଆ ମିଳିତ ବ୍ୟାଡ୍‌ମିଣ୍ଟନ୍ ଚମ୍ପିୟାନ୍‌ସିପ୍ ।

# ପ୍ରେଜ୍-ୟୁନାନି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ୟୁନାନି ବ୍ୟବସ୍ଥାରେ ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟ ସେବା ଏବଂ ଔଷଧ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ନୂଆଦିଲ୍ଲୀ ଠାରେ ୟୁନାନି ଦିବସ ପାଳନ ଅବସରରେ ଆୟୋଜିତ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ଏକ ସାମଗ୍ରୀକ ଆଭିମୁଖ୍ୟ ଗ୍ରହଣ କରାଯାଇଛି ଏବଂ ବିଭିନ୍ନ ଚିକିତ୍ସା ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରାଯାଇ ସଶକ୍ତ କରିବାକୁ ପଦକ୍ଷେପ ନିଆଯାଇଛି । ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଆଧାରରେ ୟୁନାନି ସମେତ ଆୟୁଷ ଚିକିତ୍ସା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି । ଜାତୀୟ ଭାରତୀୟ ଚିକିତ୍ସା ଆୟୋଗର ତତ୍ତ୍ୱାବଧାନରେ ୟୁନାନି ଚିକିତ୍ସା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧ୍ୟୟନ, ଗବେଷଣା ଓ ଉଚ୍ଚତର ଶିକ୍ଷା କାର୍ଯ୍ୟକ୍ରମମାନ କରାଯାଉଛି । ୟୁନାନି ଚିକିତ୍ସା କ୍ଷେତ୍ରରେ ଆଧୁନିକ ଜ୍ଞାନ ଏବଂ ଅଭିଜ୍ଞତା ପ୍ରାଚୀନ ଐତିହ୍ୟକୁ ଆହୁରି ଋଦ୍ଧିମନ୍ତ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

ଏହି ସମାରୋହରେ ଯୋଗଦେଇ ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ୟୁନାନି ଔଷଧ ଏବଂ ଅନ୍ୟାନ୍ୟ ଭାରତୀୟ ଔଷଧ ପ୍ରଣାଳୀର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏହାଦ୍ୱାରା ସାମଗ୍ରୀକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ ହୋଇପାରିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୪ରେ ଆୟୁଷ ମନ୍ତ୍ରଣାଳୟ ପ୍ରତିଷ୍ଠା ପରେ ଏ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିପାରିଛି । କୋଭିଡ୍ ମହାମାରୀ ସମୟରେ ୟୁନାନି ଚିକିତ୍ସାର ପ୍ରଭାବ ସମଗ୍ର ବିଶ୍ୱ ଲକ୍ଷ୍ୟ କରିଛି ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ପ୍ରଖ୍ୟାତ ୟୁନାନି ଚିକିତ୍ସକ, ଶିକ୍ଷକ ଏବଂ ସ୍ୱାଧୀନତା ସଂଗ୍ରାମୀ ହାକିମ୍ ଅଜମଲ୍ ଖାନ୍ଙ୍କ ଜୟନ୍ତୀ ପାଳନ ଅବସରରେ ଫେବୃୟାରୀ ୧୧ ତାରିଖକୁ ସମଗ୍ର ଦେଶରେ ୟୁନାନି ଦିବସ ଭାବେ ପାଳନ କରାଯାଏ ।

## ପିଏମ୍-ଏଆଇ ସମିଟ୍

ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ନିରନ୍ତର ବିକାଶ ଦିଗରେ ଦ୍ରୁତ ଏବଂ ଅଧିକ ପ୍ରଭାବଶାଳୀ କ୍ଷେତ୍ର

ପ୍ରସ୍ତୁତ କରିବାରେ କୃତ୍ରିମ ବୁଦ୍ଧିମତାର ସାମର୍ଥ୍ୟ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ପ୍ୟାରିସ୍‌ରେ ଆୟୋଜିତ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହିତ ସହ-ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, କୃତ୍ରିମ ବୁଦ୍ଧିମତା ଭବିଷ୍ୟତର ଚାବିକାଠି ମଣିଷ ପାଖରେ ରହିଛି । ଏହାର ବିକାଶକୁ ଦାୟିତ୍ୱପୂର୍ଣ୍ଣ ଭାବରେ ଆକାର ଦେବା ଏବଂ ବୈଷୟିକ ପ୍ରଗତିକୁ ନୈତିକ ଓ ସାମାଜିକ କଲ୍ୟାଣ ସହିତ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱ ନେତାଙ୍କୁ ଆହ୍ୱାନ ଦେଇଛନ୍ତି ।

ଭାରତରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଡି.ପି.ଆଇ. ମାଧ୍ୟମରେ ସର୍ବନିମ୍ନ ଖର୍ଚ୍ଚରେ ୧୪୦ କୋଟି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିପାରିଛି । ଡାଟା ସଶକ୍ତିକରଣ ଏବଂ ସୁରକ୍ଷା ଢାଞ୍ଚା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ ଡିଜିଟାଲ୍ ବାଣିଜ୍ୟକୁ ଗଣତାନ୍ତ୍ରିକ ଏବଂ ସୁଲଭ କରିବା ଦିଗରେ ଡାଟାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତର ଜାତୀୟ କୃତ୍ରିମ ବୁଦ୍ଧିମତା ମିଶନ୍‌ର ଏହା ଭିତ୍ତିଭୂମି ବୋଲି ସେ କହିଛନ୍ତି । ଜନସାଧାରଣଙ୍କ କଲ୍ୟାଣ ପାଇଁ କୃତ୍ରିମ ବୁଦ୍ଧିମତାକୁ ବିକଶିତ କରିବାରେ ଭାରତର ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଦୋହରାଇଥିଲେ ।

# ଆର୍‌ଏସ୍‌-ବଜେଟ୍ ଡିସ୍‌କସନ୍

ରାଜ୍ୟସଭାରେ ଆଜି ଆସନ୍ତା ଆର୍ଥିକ ବର୍ଷ ବଜେଟ୍ ଉପରେ ଆଲୋଚନା ଆରମ୍ଭ ହୋଇଛି । ଏଥିରେ ଭାଗ ନେଇ ବିଜେପିର ଭାଗବତ କରାଡ଼ କହିଛନ୍ତି, ସରକାରଙ୍କ ସକ୍ରିୟ ପଦକ୍ଷେପ ଯୋଗୁଁ ବିତ୍ତିୟ ନିଅଣ୍ଟ ଦଶମିକ୍ ୪ ପ୍ରତିଶତ ହ୍ରାସ ପାଇଛି । ସିଧାସଳଖ ଲାଭାଂଶ ହସ୍ତାନ୍ତର ପ୍ରକ୍ରିୟା ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି ବୋଲି ସେ କହିଛନ୍ତି । ଆଲୋଚନାରେ ଭାଗ ନେଇ ଏନ୍.ସି.ପି.ର ପ୍ରଫୁଲ୍ଲ ପଟେଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ବିଶ୍ୱର ତୃତୀୟ ବୃହତମ ଅର୍ଥନୀତିରେ ଖୁବ୍ ଶୀର୍ଘ ପରିଣତ ହେବ । ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଦେଶ ଉଲ୍ଲେଖନୀୟ ଅଗ୍ରଗତି କରିଛି ବୋଲି ସେ କହିଛନ୍ତି ।

ସ୍ୱାଧୀନ ସଦସ୍ୟ କପିଲ ଶିବଲ ବଜେଟ୍ ଉପରେ ମତରଖି କହିଛନ୍ତି, ଶିକ୍ଷା ପାଇଁ ବଜେଟ୍‌ରେ ମାତ୍ର ୭ ପ୍ରତିଶତ ବୃଦ୍ଧି କରାଯାଇଛି । ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ସରକାର ବିଶେଷ ଧ୍ୟାନ ଦେଉନଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏହି ଆଲୋଚନାରେ କଂଗ୍ରେସର ଚନ୍ଦ୍ରକାନ୍ତ ହଣ୍ଡୋର, ତୃଣମୂଳ କଂଗ୍ରେସର ଡୋଲା ସେନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ରିହାତି ଘୋଷଣାକୁ ସଦସ୍ୟ ଡୋଲା ସେନ୍ ସ୍ୱାଗତ କରିଥିଲେ ।

ପେଟ୍ରୋଲ୍ ଏବଂ ଅନ୍ୟାନ୍ୟ ଉତ୍ପାଦ ଉପରେ ପରକ୍ଷ ଟଇକସ ହ୍ରାସ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ ।

# ୱିମେନ୍ ୱେଲ୍‌ଫେୟାର୍ ବଜେଟ୍

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଦେବୀ କହିଛନ୍ତି, ଆସନ୍ତା ଆର୍ଥିକ ବର୍ଷର ବଜେଟ୍‌ରେ ମହିଳା କଲ୍ୟାଣକାରୀ ଚାରି  ଲକ୍ଷ କୋଟିରୁ ଅଧିକ ଟଙ୍କାର ରେକର୍ଡ଼ ଆବଣ୍ଟନ କରାଯାଇଛି । ନୂଆଦିଲ୍ଲୀରେ ଆଜି ଗଣମାଧମକୁ ସୂଚନା ଦେଇ  ମନ୍ତ୍ରୀ କହିଛନ୍ତି, ପୂର୍ବବର୍ଷ ତୁଳନାରେ ଏହା ୩୭ ପ୍ରତିଶତ ଅଧିକ । ଗତ ଆର୍ଥିକ ବର୍ଷରେ ଲିଙ୍ଗଭିତ୍ତିକ ବଜେଟ୍ ଅନୁଦାନ ୬ ଦଶମିକ୍ ୮ ପ୍ରତିଶତ ଥିବା ବେଳେ ଏବେ ଏହା ୮ ଦଶମିକ୍ ୮/୬ ପ୍ରତିଶତ ହୋଇଛି । ଆସନ୍ତା ମାର୍ଚ୍ଚ ୧୮ରୁ ୨ ତାରିଖ ପର୍ଯ୍ୟନ୍ତ ଦେଶରେ ସପ୍ତମ ପୋଷଣ ପକ୍ଷ ପାଳନ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ପକ୍ଷ ପାଳନ ଅବସରରେ  ଶିଶୁଙ୍କର ମେଦବହୁଳତା ଦୂର କରିବା ସହିତ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକୁ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ମିଜୋରାମ ଇଲେକ୍‌ସନ୍

ମିଜୋରାମରେ ଆସନ୍ତାକାଲି ଗ୍ରାମ ଏବଂ ସ୍ଥାନୀୟ ପରିଷଦ ପାଇଁ ମତଗ୍ରହଣ କରାଯିବ । ସ୍ୱୟଂଶାସିତ ଜିଲ୍ଲା ପରିଷଦ ଅଧୀନରେ ଥିବା ଲଙ୍ଗତଲାଇ  ଏବଂ ସିଆହା ଜିଲ୍ଲାକୁ ଛାଡ଼ି ୯ଟି ଜିଲ୍ଲାର ୫୪୪ଟି ଗ୍ରାମ ପରିଷଦ ଏବଂ ଗୋଟିଏ ସ୍ଥାନୀୟ ପରିଷଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ରାମ ପରିଷଦ ନିର୍ବାଚନରେ ୪ ଲକ୍ଷ ୩୭ ହଜାରରୁ ଅଧିକ ଏବଂ ସ୍ଥାନୀୟ ପରିଷଦ ନିର୍ବାଚନରେ ୨ ଲକ୍ଷ ୮୫ ହଜାରରୁ ଅଧିକ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।  ଭୋଟ୍ ଗ୍ରହଣ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଜାରି ରହିବ । ସନ୍ଧ୍ୟା ୭ଟାରୁ ଭୋଟ୍ ଗଣତି ଆରମ୍ଭ ହେବ ବୋଲି କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# କଂଗ୍ରେସର ସଭାପତି

ଓଡ଼ିଶା ରାଜ୍ୟ କଂଗ୍ରେସ୍‌ର ନୂତନ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ନିଯୁକ୍ତ ହୋଇଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରାଯାଇଛି ।

# ଆର୍‌ଏସ୍‌-ଜିଏସ୍‌ଟି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଜି.ଏସ୍.ଟି. ବର୍ଗୀକରଣ ଏବଂ ସାରା ଦେଶରେ ଟିକସ ଲାଗୁ କରିବା ନେଇ ଜି.ଏସ୍.ଟି. କାଉନ୍‌ସିଲ୍ ନିଷ୍ପତ୍ତି ଗ୍ରହଣ କରିଥାଏ । ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଜି.ଏସ୍.ଟି. ବର୍ଗୀକରଣ ନିଷ୍ପତ୍ତି ପରିଷଦ ଗ୍ରହଣ କରିଥାଏ । ଏହା କୌଣସି ଏକତରଫା ନିଷ୍ପତ୍ତି ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ରାଜ୍ୟର ଅର୍ଥମନ୍ତ୍ରୀମାନେ ପରିଷଦ ସମ୍ମୁଖରେ ନିଜର ମତ ଉପସ୍ଥାପନ କରିବାର ଅଧିକାର ରହିଛି ବୋଲି ସେ ଉଲ୍ଲେଖ କରିବା ସହ କହିଛନ୍ତି, ଜି.ଏସ୍.ଟି. ହାର ଯଥେଷ୍ଟ ହ୍ରାସ ପାଇଛି ।

# ପାର୍ଲାମେଣ୍ଟ-ମାଲଦୀପ୍ସ ଡେଲିଗେଟ୍ସ

ମାଲଦ୍ୱୀପର ଏକ ସଂସଦୀୟ ପ୍ରତିନିଧି ମଣ୍ଡଳୀ ଆଜି ନୂଆଦିଲ୍ଲୀ ସଂସଦ ଭବନ ଠାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ସାକ୍ଷାତ କରିଛନ୍ତି । ମାଲଦ୍ୱୀପରେ ପିପୁଲ୍ସ ମଜଲିସ୍‌ର ବାଚସ୍ପତି ଅବଦୁଲ୍ ରହିମ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି । ଆଲୋଚନା ଅବସରରେ ଶ୍ରୀ ବିର୍ଲା କହିଛନ୍ତି, ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ବହୁ ଦିନରୁ ସାଂସ୍କୃତିକ, ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ରହି ଆସିଛି । ମାଲଦ୍ୱୀପ ସହ ସମ୍ପର୍କ ଭାରତର ପଡ଼ୋଶୀ ପ୍ରଥମ

ନୀତି ଏବଂ ଭିଜନ ସାଗରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସେ ଉଲ୍ଲେଖ କରିଛନ୍ତି । ସଂସଦ କାର୍ଯ୍ୟାବଳୀରେ ଡିଜିଟାଲ୍ ଜ୍ଞାନକୌଶଳର ଉପଯୋଗ ସମ୍ପର୍କରେ ଶ୍ରୀ ବିର୍ଲା ମାଳଦ୍ୱୀପର ପ୍ରତିନିଧି ମଣ୍ଡଳୀଙ୍କୁ ଅବଗତ କରାଇଥିଲେ ।

# ସିଏପିଏଫ୍

କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ସି.ଏ.ପି.ଏଫ୍.ର ଡାକ୍ତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ବର୍ହି ରୋଗୀ ଚିକିତ୍ସା ପ୍ରଦାନ କରିଥାନ୍ତି ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି । ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଇତିମଧ୍ୟରେ ୩୮୩ ସି.ଏ.ପି.ଏଫ୍. ଡାକ୍ତରଙ୍କ ଦ୍ୱାରା ୨ ଲକ୍ଷ ୯୬ରୁ ଅଧିକ ଲୋକଙ୍କୁ ଚିକିତ୍ସା ପ୍ରଦାନ କରାଯାଇ ସାରିଛି । ବିଭିନ୍ନ ସମୟରେ ଚିକିତ୍ସା ଶିବିରମାନ ଆୟୋଜନ ମାଧ୍ୟମରେ ସି.ଏ.ପି.ଏଫ୍. ଡାକ୍ତରଙ୍କ ଦ୍ୱାରା ଏହି ଚିକିତ୍ସା ସୁବିଧା ସାଧାରଣ ନାଗରିକଙ୍କ ଯୋଗାଇ ଦିଆଯାଇଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି ।

# ବ୍ୟାଡ୍‌ମିଣ୍ଟନ୍ ଏସିଆ ଚମ୍ପିଆନ୍‌ସିପ୍

ଚୀନ୍‌ର କ୍ୱିଙ୍ଗ୍‌ଦାଓ ଠାରେ ଏସିଆ ମିଳିତ ବ୍ୟାଡ୍‌ମିଣ୍ଟନ୍ ଚମ୍ପିୟାନ୍‌ସିପ୍ ୨୦୨୫ ଆରମ୍ଭ ହୋଇଛି । ଏଥିରେ ଅଂଶଗ୍ରହଣ କରିଥିବା ୧୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଡିରେ ଭାରତ ସହ ଦକ୍ଷିଣ କୋରିଆ ଏବଂ ମାକାଉ ଚାଇନା ସ୍ଥାନିତ ହୋଇଛନ୍ତି । ମାକାଉ ଠାରେ ଆସନ୍ତାକାଲି ଭାରତ ତାର ପ୍ରଥମ ମ୍ୟାଚ୍ ଖେଳିବ । ଲକ୍ଷ୍ୟ ସେନ୍ ଏବଂ ମାଳବିକା ବଂଶୋଦ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ ଏବଂ ଏଚ୍.ଏସ୍. ପ୍ରଣୟ ଭାରତର ପ୍ରତିନିଧିତ୍ୱ କରୁଥିବା ବେଳେ ମାଳବିକା ବଂଶୋଦ ମହିଳା ଏକକ ବର୍ଗରେ ଦେଶ ତରଫରୁ ଖେଳିବେ । ପୁରୁଷ ମିଳିତ ବର୍ଗରେ ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଅଂଶଗ୍ରହଣ କରୁଥିବା ବେଳେ ମହିଳା ମିଳିତ ବର୍ଗରେ ତ୍ରିସା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋଙ୍କ ଯୋଡ଼ି ଭାରତ ପକ୍ଷରୁ ଖେଳିବେ । ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଆଜି ଦକ୍ଷିଣ କୋରିଆ ୫-୦ ଗୋଲ୍‌ରେ ମକାଉକୁ ପରାସ୍ତ କରିଛି । ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଇଣ୍ଡୋନେସିଆ ହଙ୍କକଙ୍ଗ ବିରୁଦ୍ଧରେ ୫-୦ରେ ବିଜୟୀ ହୋଇଛି ।